# Akashvani, Sambalpur

## SAMBALPURI NEWS EVENING BULLETIN

### 13 July 2024- 7.02 pm- 7.12 pm.

*******************************************

୧- ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର୍‌ର ନାକଚଣା ଦୁଆର ଆଗାଡ଼େ ତିନ୍‌ହି ରଥ ।

- ଆଏବାକାଏଲ୍ ସଞ୍ଜର୍ ୫ ବଜେତକ୍ ଭକ୍ତମାନେ କରିପାର୍‌ବେ ନବମୀ ସନ୍ଧ୍ୟା ଦର୍ଶନ୍ ।

୨- ପୁଲିସ୍ ଆଧୁନିକୀକରଣ୍ ଆର୍ ବ୍ୟବସ୍ଥାଥ୍ ସଂସ୍କାର୍ ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ - କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ରାଜ୍ୟର୍ ୫୮ ଟା ସବ୍‌ଡିଭିଜନ୍ ନ କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଚାଲୁ ହେଲା ଏଲ୍‌ଇଡ଼ି ଭିଡ଼ିଓ ୱାଲ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇପାରେ ଗୁଟେ ଘୂର୍ଣ୍ଣିବଳୟ ।

- ପର୍‌ଦିନ୍ ସଖାଲ୍‌ତକ୍ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍ ୧୮ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ହେଇପାରେ ଜବର୍ ବର୍ଷା ।

ରଥ ଦକ୍ଷିଣ ମୋଡ଼        ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଭକ୍ତମାନେ ଶ୍ରୀଜୀଉମାନ୍‌କର୍ ଆଡ଼ପ ଦର୍ଶନ୍ କରୁଥିବାର୍ ବେଲେ ଆଏଜ୍ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥକେ ଦକ୍ଷିଣମୋଡ଼ କରାଯାଇଛେ । ଏଛେନ୍ ନନ୍ଦିଘୋଷ ରଥ ସଙ୍ଗେ ବଳଭଦ୍ର ମାହାପୁରୁଙ୍କର୍ ତାଳଧ୍ୱଜ ଆର୍ ମା ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ନାକଚଣା ଦୁଆର ଆଗାଡ଼େ ରହିଛେ । ଆଏବା କାଏଲ୍ ନବମୀ ସନ୍ଧ୍ୟା ଦର୍ଶନ୍ ରହିଥିବାର୍ ବେଲେ ସଞ୍ଝର ୫ ବଜେତକ୍ ସର୍ବସାଧାରଣଙ୍କର୍ ଦର୍ଶନ୍ ଆର୍ ସୋମ୍‌ବାର୍ ଦିନ ମାହାପୁରୁଙ୍କର୍ ବାହୁଡ଼ା ଯାତ୍ରା ହେବା ।

ସେଆଡ଼େ ବାହୁଡ଼ା ଯାତ୍ରାକେ ଶୃଙ୍ଖଳିତ୍ କର୍‌ବାର୍ ଉପ୍‌ରେ ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଯୋଗ୍ ଦେଇଛନ୍ । ରଥ ଉପ୍‌ରେ ଦର୍‌କାର୍‌ନୁ ଅଏତ୍‌କା ସେବାୟତ୍ ନାଇଁ ରହେବାର୍ ସଙ୍ଗେ ରଥ ଉପର୍‌କେ ମୋବାଇଲ୍ ନାଇଁ ନେବାର୍‌କେ ସେ କହିଛନ୍ । ଯିଏ ଇତାକେ ନାଇଁ ମାନ୍‌ବା ସେତାକର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟ ପ୍ରଶାସକ କହିଛନ୍ । ମାହାପୁରୁଙ୍କର୍ କେନ୍‌ସି ସେବାଥି ନାଇଁ ଲାଗୁଥିବା ଲୋକ୍ ରଥ ଉପର୍‌କେ ଚଢ଼୍‌ବାର୍‌କେ ମନା କର୍‌ବାର୍ ସଙ୍ଗେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ମାହାପୁରୁଙ୍କର୍

ନୀତିକାନ୍ତି ଠିକ୍ ବାବ୍‌ଦେ ଯେନ୍ତା ହେବା ହେଥିର୍‌ଲାଗି ସେବାୟତ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ମୁଖ୍ୟମନ୍ତ୍ରୀ- ପୁଲିସ୍ ଏକାଡେମୀ          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ପୁଲିସ୍ ଆଧୁନିକୀକରଣ୍ ଆର୍ ପୁଲିସ୍ ବ୍ୟବସ୍ଥାଥି ସଂସ୍କାର୍ ଲାଗି ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍‌ର ବିଜୁ ପଟ୍ଟନାୟକ୍ ପୁଲିସ୍ ଏକାଡେମୀନୁ ଶହେ ୧୩ ଝନ୍ ପୁଲିସ୍ ସବ୍‌ଇନ୍ସପେକ୍ଟର୍ ତାଲିମ୍ ପୁରା କର୍‌ବାର୍ ଅବ୍‌ସରେ ହେଇଥିବା ଦୀକ୍ଷାନ୍ତ ସମାରୋହଥି ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ମାଓବାଦୀଙ୍କର୍ ମୁକାବିଲା ଦିଗେ ରାଜ୍ୟକେ ବନେ ସଫଲତା ମିଲିଛେ । ଆଏବା ଦିନେ ଓଡ଼ିଶା ମାଓ ସଂଗଠନ୍ ମୁକ୍ତ ହେବା ବଲି ସେ କହିଛନ୍ । ଖୋବ୍ ପରିଶ୍ରମ୍ କରିକରି ତାଲିମ୍ ପୁରା କରିଥିବା ସବ୍ ଇନ୍ସପେକ୍ଟର୍ ପ୍ରଶିକ୍ଷାର୍ଥୀମାନେ ସମାଜ୍‌କେ ଆଉ ଲୁକ୍‌କୁ ଠିକ୍ ସେବା ସୁରକ୍ଷା ଆର୍ ନିରାପତା ଦେଇକରି ରାଜ୍ୟର୍ ଲାଗି ସୁନାମ୍ ଆନ୍‌ବେ ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ । ଇତାର୍‌ସଙ୍ଗେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଇନ୍ ଶୃଙ୍ଖଲା ରକ୍ଷା ଆର୍ ମାଓବାଦୀଙ୍କର୍ ମୁକାବିଲା ଦିଗେ କାମ୍ କରୁଥିବାର୍

ବେଲେ ଶହୀଦ୍ ପୁଲିସ୍ କର୍ମଚାରୀମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୧୫ ତାରିଖ୍ ସୋମ୍‌ବାର୍ ଦିନର୍ ୧୧ ବଜେନୁ ଭୁବ୍‌ନେଶ୍ୱର୍‌ର ୟୁନିଟ୍ - ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ଠାନେ ଲୋକ୍‌ମାନ୍‌କର୍‌ନୁ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଅଭିଯୋଗ୍ ଶୁଣାଣି ଲାଗି ସେଦିନର୍ ସଖାଲର୍ ୮ ବଜେନୁ ମଏଧାନର୍ ୧୨ ବଜେତକ୍ ପଞ୍ଜିକରଣ୍ ହେବା । ଲୁକେ ହେ ସମିଆଥି ଉପସ୍ଥିତ୍ ରହିକରି ନିଜର୍ ଅଭିଯୋଗ୍ ପଞ୍ଜିକରଣ୍ କରେଇକରି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର୍ ଅଭିଯୋଗ୍ ଜନେଇପାର୍‌ବେ ।

ଷ୍ଟାର୍ଟ-ଅପ୍ ଓଡ଼ିଶା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଷ୍ଟାର୍ଟଅପ୍ ଓଡ଼ିଶା ଯୋଜ୍ନାଥି କେତେଟା ବଦଲ୍ କରାଯାଇଛେ । ଯୋଜ୍ନା ଅଧୀନ୍ଥି କାମ୍ କରୁଥିବା ନିର୍ଦ୍ଦେଶକ୍ ଆର୍ ନିର୍ଦ୍ଦେଶକ ମଣ୍ଡଳୀଙ୍କର୍ ଆର୍ଥିକ୍ କ୍ଷମତାଥି ବଦଲ୍ କରାଯାଇଛେ । ଆଘର୍ ସର୍କାର୍ଙ୍କର୍ ସବୁ ନିର୍ଦ୍ଦେଶାବଳୀକେ ରଦ୍ଦ କରିକରି ଏମ୍ଏସ୍ଏମ୍ଇ ବିଭାଗ୍ ତର୍ଫୁ ନୂଆଁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍ସାରେ ଷ୍ଟାର୍ଟଅପ୍ ଓଡ଼ିଶା ଯୋଜ୍ନାଥି କାମ୍ କରୁଥିବା ଉପଦେଷ୍ଟା, ଆଉଟ୍ସୋର୍ସିଂ କର୍ମଚାରୀ ଆର୍ ନିର୍ମାଣ୍ କାମ୍ ଲାଗି କ୍ଷମତା ଧାରିଜ୍ କରାଯାଇଛେ । ହେଥି ନିର୍ବାହୀ ନିର୍ଦ୍ଦେଶକଙ୍କର୍ ଆର୍ଥିକ୍ କ୍ଷମତା ସବୁନୁ ଅଏତ୍କା ୧ କୋଟି ଟଙ୍କା ଆଉ ନିର୍ଦ୍ଦେଶକ ମଣ୍ଡଳୀଙ୍କର୍ ଆର୍ଥିକ୍ କ୍ଷମତା ସବୁନୁ ଅଏତ୍କା ୧୦ କୋଟି ଟଙ୍କା ରଖାଯାଇଛେ । ବଜେଟ୍ ଆଉ ସର୍କାରୀ ନିୟମ୍ ପାଳନ୍ କରିକରି ଟଙ୍କା ଖର୍ଚ୍ଚା କର୍ବାର୍କେ ବିଭାଗୀୟ ନିର୍ଦ୍ଦେଶ୍ନାମା ଜାରି କରାଯାଇଛେ ।

ରେଲ୍ବାଇ- କୋଚ୍ ଆର୍ଏନ୍ୟୁ /ସମ୍ବଲପୁର

ଯାତ୍ରୀମାନ୍କର୍ ସୁବିଧାର୍ ଲାଗି ରେଲ୍ବାଇ ତର୍ଫୁ ଦୂରିଆ ଯାଉଥିବା ୪୬ ଟା ଟ୍ରେନ୍ର ସାଧାରଣ କୋଚ୍ ସଂଖ୍ୟା ବଢ଼ାଯାଇଛେ । ୪୬ ଟା ଟ୍ରେନ୍ଥି ୯୨ ଟା ନୂଆଁ ସାଧାରଣ

କୋଚ୍ ଲଗାଯାଇଛେ। ଇତାର୍‌ସଙ୍ଗେ ଆର୍ ୨୨ ଟା ଟ୍ରେନ୍‌ଥି ଅଏତ୍‌କା ସାଧାରଣ କୋଚ୍ ଲଗାବାର୍ ଲାଗି ଯୋଜ୍‌ନା କରାଯାଇଛେ ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ମିଲିଛେ।

अमर्‌नाथ् यात्रा ହିନ୍ଦୁସ୍ଥାନ୍ ସମାଚାର୍

ଇ ବଛ୍‌ରର୍ ଅମର୍‌ନାଥ୍ ଯାତ୍ରା ଗଲାମାସର୍ ୨୯ ତାରିଖ୍‌ନୁ ମୁଲ୍ ହେଇଥିବାର୍ ବେଲେ ଏବ୍‌ତକ୍ ୨ ଲାଖ୍ ୮୦ ହଜାର୍‌ନୁ ଅଏତ୍‌କା ଭକ୍ତ ଅମର୍‌ନାଥ୍ ଗୁମ୍ଫା ନ ପବିତ୍ର ଲିଙ୍ଗ ଦର୍ଶନ୍ କରିସାରିଛନ୍। ଆଏଜ୍ ୪ ହଜାର୍ ୬ ଶହ ୬୯ ଝନ୍ ଭକ୍ତଙ୍କୁ ନେଇକରି ଆର୍‌ଗୁଟେ ଦଲ୍ ଜମ୍ମୁ ନୁ ପବିତ୍ର ଗୁମ୍ଫା ଅଭିମୁଖେ ବାହାରିଛନ୍।

ଇନ ଜନେଇ ଦିଆଯାଇପାରେ ଯେ, ଇ ଯାତ୍ରାଥି ଭକ୍ତମାନେ ଦକ୍ଷିଣ କାଶ୍ମୀର୍ ହିମାଲୟର୍ ୩ ହଜାର୍ ୮ ଶହ ୮୦ ମିଟର୍ ଉଚାଥି ଥିବାର୍ ଅମର୍‌ନାଥ୍ ଗୁମ୍ଫା ନ ପବିତ୍ର ଲିଙ୍ଗ ଦର୍ଶନ୍ କର୍‌ସନ୍।

କୃଷି ବିଭାଗ୍-ଏଲ୍‌ଇଡି ଓ୍ୱାଲ୍ ସୂଚନା ଲୋକସମ୍ପର୍କ ବିଭାଗ୍

କୃଷି ଆର୍ କୃଷକ ସଶକ୍ତିକରଣ୍ ବିଭାଗ୍ର କାମ୍କେ ଆହୁରି ବ୍ୟାପକ୍ କର୍ବାର୍ ଲକ୍ଷ୍ୟଥି ଆଏଜ୍ କୃଷି ବିଭାଗ୍ ତର୍ଫୁ ରାଜ୍ୟର୍ ୫୮ ଟା ସବ୍ଡିଭିଜନ୍ ନ ଏଲ୍ଇଡି ଭିଡ଼ିଓ ୱାଲ୍ ଚାଲୁ କରାଯାଇଛେ । କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ର ଦାୟିତ୍ୱଥି ଥିବା ଉପମୁଖ୍ୟମନ୍ତ୍ରୀ କନକ୍ବର୍ଦ୍ଧନ୍ ସିଂହଦେଓ ଆଏଜ୍ ସଖାଲେ ଭୁବ୍ନେଶ୍ୱର୍ କୃଷି ଭବନ୍ ସମ୍ମିଲନୀ କକ୍ଷଥି ଇତାର୍ ଉଦ୍ଘାଟନ୍ କରିକରି କହିଛନ୍ ଯେ, ଚାଷୀ ଭାଇ ମାନ୍କର୍ ଭିତ୍ରେ ସୂଚନା ପ୍ରସାର୍ ଲାଗି କୃଷି ବିଭାଗ୍ର ଇ ପଦକ୍ଷେପ୍ ସାରା ଦେଶେ ପହେଲା ଆଏ । ଇତାର୍ ଜରିଆଥି ଚାଷୀ ଭାଇମାନେ କୃଷି ବିଭାଗ୍ର ସବୁ କଲ୍ୟାଣ୍କାରୀ ଯୋଜ୍ନା, ଚାଷ୍ ବାବଦ୍ ସୂଚନା ଜାନିପାର୍ବେ ବଲି ସେ କହିଛନ୍ । ଇ ଅବ୍ସରେ ଭିନ୍ ଭିନ୍ ସବ୍ଡିଭିଜନ୍ନୁ ଆଭାସୀ ଜରିଏ କାର୍ଯ୍ୟକ୍ରମ୍ଥି ସାମିଲ୍ ହେଇଥିବା ଚାଷୀମାନ୍କର୍ ସଙ୍ଗେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କଥା ହେଇଥିଲେ ।

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ବର୍ଗଡ୍

ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ବର୍‌ଗଡ଼୍ ନିଶାମଣି ହାଇସ୍କୁଲ୍ ଠାନେ କୋଠା ଆଉ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଲୟ ନ ତିଆର୍ ହେବାର୍‌କେ ଥିବା ଛାତ୍ରାବାସ ଲାଗି ଶୁଭ ଦେଇଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ ଇ ଗସ୍ତ ସମିଆଥି ବର୍‌ଗଡ଼୍ ପଂଚାୟତ୍ କଲେଜ୍ ଯାଇକରି କଲେଜ୍‌ର ଅଧକ୍ଷ, ଅଧ୍ୟାପକ, ଛାତ୍ରଛାତ୍ରୀ ଆର୍ ପୁରାତନ୍ ଛାତ୍ରମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କର୍ ସାଙ୍ଗେ ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଭିଲ୍ ଉପସ୍ଥିତ୍ ଥିଲେ ।

ଯୁକ୍ତ ଦୁଇ ନାଁଲେଖା       ଆର୍‌ଏନ୍‌ୟୁ/ କଟକ୍

ଚଲ୍‌ତି ଶିକ୍ଷାବଛ୍‌ରେ ଯୁକ୍ତ ୨ କଳା, ବିଜ୍ଞାନ୍, ବାଣିଜ୍ୟ, ସଂସ୍କୃତ ଉପଶାସ୍ତ୍ରୀ ଆର୍ ଧନ୍ଦାମୂଳକ୍ ଶିକ୍ଷା ଶ୍ରେଣୀର୍ ପହେଲା ବଛ୍‌ରେ ନାଁ ଲେଖାବାର୍‌କେ ଆବେଦନ୍ ପ୍ରକ୍ରିୟା ଶେଷ୍ ହେଇଛେ । ଆଏବା ୨୦ ତାରିଖ୍ ଦିନ ପହେଲା ଚୟନ୍ ତାଲିକା ବାହାର୍‌ବା । ହେଥି ମନୋନୀତ୍ ଛାତ୍ରଛାତ୍ରୀମାନେ ଆଏବା ୨୨ ନୁ ୨୭ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଆଏବା ମାସର୍ ୧ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା । ରାଜ୍ୟର୍ ୨ ହଜାର୍ ୩ ଶହ ୪୩

ଟା ଉଚ୍ଚ ମାଧମିକ ବିଦ୍ୟାଲୟର୍ ୫ ଲାଖ୍ ୪୮ ହଜାର୍ ୨ ଶହ ୪୯ ଟା ସିଟ୍ ଥିବାର୍ ବେଲେ ନାଁ ଲେଖାବାର୍‌କେ ୪ ଲାଖ୍ ୭୧ ହଜାର୍ ୫ ଶହ ୮୭ ଝନ୍ ଛାତ୍ରଛାତ୍ରୀ ଦର୍‌ଖାସ୍ତ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ଯୁକ୍ତ ଦୁଇ କଳା ଶ୍ରେଣୀଥି ୩ ଲାଖ୍ ୧୦ ହଜାର୍ ଶହେ ୩୬ ଟା, ବିଜ୍ଞାନ୍‌ଥି ଲାଖେ ୭୩ ହଜାର୍ ୫ ଶହ ୪୯ ଟା, ବାଣିଜ୍ୟଥି ୪୧ ହଜାର୍ ୮୦ ଟା, ସଂସ୍କୃତ ଉପଶାସ୍ତ୍ରୀଥି ୧୩ ହଜାର୍ ୮୮ ଟା ଆର୍ ଧନ୍ଦାମୂଳକ୍ ଶିକ୍ଷାଥି ୧୦ ହଜାର୍ ୩ ଶହ ୯୬ ଟା ସିଟ୍ ଅଛେ ।

ନୂଆପଡ଼ା- ଦୁର୍ଘଟଣା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ପାଟଧାରା ଘାଟି ନ ଆଏଜ୍ ଗୁଟେ ବାଇକ୍ ୪୦ ଫୁଟ୍ ତଲ୍‌କେ ପଡ଼ିକରି ଦୁର୍ଘଟଣାଗସ୍ତ ହେଇଛେ । ହେଥି ବାଇକ୍ ଚାଲକ୍‌ଙ୍କର୍ ଘଟ୍‌ନା ଜାଗା ନ ମୃତ୍ୟୁ ହେଇଛେ । ପୁଲିସ୍ ଆର୍ ଅଗ୍ନିଶମ କର୍ମଚାରୀମାନେ ଶବ ଉଦ୍ଧାର୍ କରିଥିବାର୍ ବେଲେ ମୃତକ ଝନ୍‌କ ବଲାଙ୍ଗିର୍ ଜିଲ୍ଲାର୍ କଂଟାବାଞ୍ଜି ଥାନା ଇଲାକାର୍ ବଲି ଜନାପଡ଼ିଛେ ।

ଜିଏମ୍‌ୟୁ- ଇଂରାଜୀ ବିଭାଗ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ- ଜିଏମ୍‌ୟୁର ଇଂରାଜୀ ବିଭାଗ୍‌ର ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍‌ମାନେ ଆଏଜ୍ ସମ୍ପ୍ରସାରଣ୍ କାର୍ଯ୍ୟକ୍ରମ୍‌ଥି ବୁର୍ଲା ନ ଥିବାର୍ ସର୍‌କାରୀ ମୁକ ବଧିର ସ୍କୁଲ୍ ପରିଦର୍ଶନ୍ କରିଥିଲେ । ସେମାନେ ସ୍କୁଲ୍‌ର ପାଠ୍‌ପଢ଼ା ବାବ୍‌ଦେ ବୁଝ୍‌ବାର୍ ସଙ୍ଗେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ କେନ୍ତା ସେମାନ୍‌କର୍ ଦକ୍ଷତା ବୃଦ୍ଧିର୍ ଲାଗି ଚେଷ୍ଟା କରୁଛନ୍ ସେଥିର୍ ଅନୁଭୂତି ସଙ୍ଗଲିଥିଲେ ।

ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆର୍ ଏଂଟର୍‌ଟେର୍ଣ୍ଣମେଂଟ୍ ସମିଟ

ପି.ଆଇ.ବି.

ଭାରତ୍ ଆଏବା ନଭେମ୍ବର୍ ମାସର୍ ୨୦ ନୁ ୨୪ ତାରିଖ୍‌ତକ୍ ଗୋଆ ନ ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆର୍ ଏଂଟର୍‌ଟେର୍ଣ୍ଣମେଂଟ୍ ସମିଟ୍ ଆୟୋଜନ୍ କର୍‌ବା ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଆଏଜ୍ ନୂଆଦିଲ୍ଲୀ ନ ଗୋଆର୍ ମୁଖ୍ୟମନ୍ତ୍ରୀ ପ୍ରମୋଦ୍ ସାୱନ୍ତ ଆର୍ କେନ୍ଦ୍ର ସୂଚନା ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍‌ଙ୍କର୍ ଉପସ୍ଥିତିଥି ଶ୍ରୀ ବୈଷ୍ଣବ୍ ଇ ଘୋଷ୍‌ନା କରିଛନ୍ ।

ଶୁଦ୍ଧ ପ୍ରତ୍ୟକ୍ଷ କର ସଂଗ୍ରହ ହିନ୍ଦୁସ୍ଥାନ୍ ସମାଚାର୍

ଚଲ୍ତି ଆର୍ଥିକ୍ ବଛର୍ ୨୦୨୪-୨୫ ର ପୂର୍ଣ୍ଣ ବଜେଟ୍ ଆଘୋନୁ ଶୁଦ୍ଧ ପ୍ରତ୍ୟକ୍ଷ କର ସଂଗ୍ରହ ଏବ୍ତକ୍ ୨୪ ଦଶ୍ମିକ୍ ଶୂନ୍/ ୭ ପ୍ରତିଶତ୍ ବଢ଼ିକରି ୫ ଲାଖ୍ ୭୪ ହଜାର୍ କୋଟି ଟଙ୍କାଥି ପହଁଚିଛେ ବଲି କେନ୍ଦ୍ର ପ୍ରତ୍ୟକ୍ଷ କର ବୋର୍ଡ଼ ସିବିଡିଟି ତର୍ଫୁ ସୂଚ୍ନା ଦିଆଯାଇଛେ । ସୂଚ୍ନା ଅନ୍ସାରେ ଗଲା ୨୦୨୩-୨୪ ଆର୍ଥିକ୍ ବଛ୍ରେ ଇ ସମିଆତକ୍ ୪ ଲାଖ୍ ୮୦ ହଜାର୍ କୋଟି ଟଙ୍କା ଶୁଦ୍ଧ ପ୍ରତ୍ୟକ୍ଷ କର ସଂଗ୍ରହ କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ଥିବାର୍ ବେଲେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ହଲ୍କାନୁ ମଧ୍ୟମ୍ ବର୍ଷା ହେଇଛେ । ସେଆଡ଼େ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ମିଲିଥିବା ସୂଚ୍ନା ଅନ୍ସାରେ ଆଏଜ୍ ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ଅଛେ । ହେଥୁ ଆଏବା ୪ ଦିନ୍ତକ୍ ରାଏଜେ ଜବର୍ ବର୍ଷା ହେଇପାରେ । ସେନ୍ତା ପର୍ଦିନ ସଖାଲ୍ତକ୍ ପର୍ଶ୍ଚିମ ଓଡ଼ିଶାର୍ ସମ୍ବଲ୍ପୁର୍, ଦେବ୍ଗଡ଼୍, ସୁନ୍ଦର୍ଗଡ଼୍, କଲାହାଣ୍ଡି

ସହେତେ ରାଜ୍ୟର୍ ୧୮ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।